The Odisha Gazette

EXTRAORDINARY

PUBLISHED BY AUTHORITY

No. 2376 CUTTACK, THURSDAY, JULY 31, 2025/SRAVANA 9, 1947

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ସଂଖ୍ୟା 24501—RDM-LAC-KNJ-0007/2024-R&DM, ତା- 05-07-2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝର ଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- **ଘୁସୁରାପଦା (ଅତିରିକ୍ତ)**, ଥାନା- ନନ୍ଦୀପଦା, ତହସିଲ- **ହାଟଡିହି**, ଜିଲ୍ଲା-**କେନ୍ଦୁଝର** ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କେନ୍ଦୁଝର ଜିଲ୍ଲାରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାର୍ଶ୍ୱ ମୂଖ୍ୟ କେନାଲ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, ଶାଳପଡା, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୨୩୫୧୫ ତା ୧୯.୦୭.୨୦୨୪ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଘୁସୁରାପଦା (ଅତିରିକ୍ତ)**, ଥାନା- ନନ୍ଦୀପଦା, ତହସିଲ- **ହାଟଡିହି**, ଜିଲ୍ଲା-**କେନ୍ଦୁଝର** ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ ଜିଲ୍ଲା ୱେବସାଇଟ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର ତହସିଲ: - **ହାଟଡିହି**

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟ୍ ର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ଘୁସୁରାପଦା (ଅତିରିକ୍ତ)	ଗ୍ରାମାଞ୍ଚଳ	ଏଥି ସହ ସଂଲଗ୍ନ କରାଗଲା	ଏଥି ସହ ସଂଲଗ୍ନ କରାଗଲା	ଏଥି ସହ ସଂଲଗ୍ନ କରାଗଲା	ଏଥି ସହ ସଂଲଗ୍ନ କରାଗଲା	**ଏ ୧.୪୫**	ଏଥି ସହ ସଂଲଗ୍ନ କରାଗଲା

ତଫସିଲ- ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା:- କେନ୍ଦୁଝର ତହସିଲ: - **ହାଟଡିହି**

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟ୍ ର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

- **ଅଧିସୂଚନାର ବୈଧ ତାରିଖ :- ୦୧ /୧୨ /୨୦୨୫ ।**

LAND SCHEDULE

Addl. Land Acquisition for Construction of Anandapur Barrage Project (Baitarani Left Bank Canal) **of Village - Ghusurapada (Addl)**, Tahasil - Hatadihi, P.S. - Nandipada, Dist. – Keonjhar, L.A. Case No. **LACN/1/12/2024.**

କ୍ର : ନଂ	ଖାତା ନଂ	ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ	ପ୍ଲଟ୍ ନଂ	କିସମ	ମୋଟ ରକବା (ଏକର ରେ)	ଅଧିଗ୍ରହଣ ରକବା (ଏକରରେ)
1	2	3	4	5	6	7
୧	23	ଚତ୍ତେଇ ନାୟକ, ପି- ଗଙ୍ଗଧର ନାୟକ, ଜାତି- ଖଣ୍ଡାୟତ, ବା – ନିଜଗାଁ ।	400	ଶାରଦ- ୧	1.33	0.02

୨	99/19	ଶ୍ରୀ କରୁଣାକର ବାରିକ, ପି-ନବ ବାରିକ, ଜା- ଗୋପାଳ, ବା- ନିଜଗାଁ ।	216/520	ଶାରଦ- ୧	0.15	0.03
୩	99/92	ଅପର୍ତି ଚରଣ ବାରିକ, ପି – ଆନନ୍ଦ ବାରିକ, ଜା- ଗୋପାଳ, ବା- ନିଜଗାଁ ।	216/637	ଶାରଦ- ୧	0.85	0.03
୪	99/141	ପ୍ରତାପ କୁମାର ବେଉରିଆ, ପି - ଉମାକାନ୍ତ ବେଉରିଆ, ଜାତି – ଖଣ୍ଡାୟତ, ବା- ମନନାଥପୁର ।	339/444	ଶାରଦ- ୧	0.40	0.40
			290	ଶାରଦ- ୨	0.22	0.22
			339/646	ଶାରଦ- ୧	0.51	0.51
			339/680	ଶାରଦ- ୧	0.07	0.07
			344/679	ଶାରଦ- ୧	0.10	0.10
			345/515	ଶାରଦ- ୧	0.07	0.07
					ମୋଟ ଅଧିଗ୍ରହଣ ରକବା ଏ	1.45

ରାଜ୍ୟପାଳଙ୍କ ଆଦେଶକ୍ରମେ
ଦିଗନ୍ତ ରାଉତରାୟ
ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1586—173+30